ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ମହିଷାପାଟ, ଢେଙ୍କାନାଳ – ୭୫୧୦୦୩



ଡ. ମହମ୍ମଦ ଅବଦୁଲ ଅଲିମ

ଟେକେନିକାଲ ଅଫିସର(ଭା.ପ୍ରା.)


ସପ୍ତାହ ସଂଖ୍ୟା .୧୨

**ଅନୁଗୁଳ ଜିଲ୍ଲା**

ବୁଲେଟେନ ନମ୍ବର : ୮୯
ତାରିଖ : ୨୦।୦୩।୨୦୨୦
(ଶୁକ୍ରବାର)

## ଗତ ସପ୍ତାହର ପାଣପାଗ ସମ୍ବନ୍ଧୀୟ ସୂଚନା (୧୪.୦୩.୨୦୨୦ ରୁ ୨୦.୦୩.୨୦୨୦)

| | |
|---|---|
| ବୃଷ୍ଟିପାତ (ମି.ମି.) | **11.2** |
| ସର୍ବାଧିକ ତାପମାତ୍ରା (ଡି.ସେ.) | **33.0-36.0** |
| ସର୍ବନିମ୍ନ ତାପମାତ୍ରା (ଡି. ସେ.) | **14.0-19.0** |

## ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନ ର ବେଗ (କି.ମି./ଘ.) | ପବନ ର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 21/3/2020 | 1 | 34 | 16 | 5 | 64 | 20 | 3 | 144 |
| 22/3/2020 | 16 | 36 | 14 | 4 | 83 | 26 | 4 | 133 |
| 23/3/2020 | 8 | 34 | 16 | 1 | 75 | 25 | 3 | 104 |
| 24/3/2020 | 0 | 35 | 17 | 2 | 72 | 24 | 4 | 118 |
| 25/3/2020 | 0 | 36 | 18 | 2 | 64 | 21 | 3 | 116 |

- ଆସନ୍ତା ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ୨୫ ମି.ମି ବର୍ଷା ହେବାର ସମ୍ଭାବନା ଅଛି।
- ଆକାଶ ମେଘୁଆ ରହିବ। ସହିତ ୩-୪ କି.ମି.ପ୍ର.ଘ ବେଗରେ ପବନ ବହିପାରେ।
- ଅଧିକ ସୁଫଳ ପାଇବା ପାଇଁ କୀଟନାଶକ ସହିତ ଅଠା ମିଶାଇ ସିଂଚନ କରନ୍ତୁ।

**ଧାନ:**
- ସାଂପ୍ରତିକ ବର୍ଷା ଜଳକୁ ଜମିରେ ସଂରକ୍ଷଣ କରନ୍ତୁ । ଧାନ ଜମିରେ କବକ ଜନିତ ପତ୍ରପୋଡା ରୋଗ ଦେଖାଦେଲେ, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ଏବଂ ୨.୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ୫୦ % WP ମିଶାଇ ସିଂଚନ କରନ୍ତୁ ।

**ରବି-ଚିନାବାଦାମ :**
- ଅଦିନିଆ ବର୍ଷା ଯୋଗୁ ଚିନାବାଦାମ ଫସଲରେ ଲୋମଶ ସାବାଳୁଆର ପ୍ରାଦୁର୍ଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାକୁ ଦମନ କରିବା ପାଇଁ ପ୍ରତି ଲିଟର ଜଳରେ ୧.୫ ମି.ଲି ଲମ୍ବଡାସାଇହାଲୋଥ୍ରୀନ କିମ୍ବା ୧.୫ ଗ୍ରାମ ଏସିଫେଟ ମିଶାଇ ସିଂଚନ କରନ୍ତୁ ।

**ଡାଲି ଓ ତୈଳ ଜାତୀୟ ଫସଲ**
- ମୁଗରେ ପତ୍ର ହଳଦିଆ ପଡିଯାଇଥିଲେ ତାହାର ପ୍ରତିକାର ପାଇଁ ୪ ଲିଟର ପାଣିରେ ୧ ଗ୍ରା ଥାଇଓମେଥୋକ୍ସାମ ମିଶାଇ ସିଂଚନ କରନ୍ତୁ ।
- ବିଗତ ତାପମାତ୍ରା ବୃଦ୍ଧି ସହିତ ଆଗକୁ ବର୍ଷା ହେବାର ଥିବାରୁ ସୋରିଷ ଫସଲରେ ଜଉ ପୋକ ସଂକ୍ରମଣ ଅଧିକ ହେବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକରକୁ ୬୦ ଗ୍ରାମ ଫ୍ଲୋନିକମାଇଡ କିମ୍ବା ୪୦ ଗ୍ରାମ ଥାୟୋମେଥୋକ୍ସାମ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**
- ଫସଲ ୪-୫ ମାସର ହୋଇଥିଲେ ମଲା ପତ୍ର ଗୁଡିକ ସଫା କରିଦିଅନ୍ତୁ । ପାଖାପାଖି ଗଛକୁ ଏକାଠି ବୁଦା ଆକାରରେ ବାନ୍ଧି ଦିଅନ୍ତୁ ।
- **ଅଗ କାଣ୍ଡ ବିନ୍ଧା ରୋଗରୁ ରକ୍ଷା କରିବା ପାଇଁ Lamba cyhalothrin** ଲିଟର ପାଣିରେ ୨ ମି.ଲି ମିଶାଇ ସିଂଚନ କରନ୍ତୁ ।

**ପନିପରିବା:**
- କୋବି ଜାତୀୟ ଫସଲରେ ଯଦି ଠିକିରିପିଠି ଗୁଣ୍ଡି ପୋକ ଦେଖାଦେଲେ ସେଥିରେ ୮୦ ଏମ.ଏଲ ସ୍ପିନୋସାଡ ୧୪.୫ ଏସ.ସି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।
- ଫୁଲକୋବି, ବନ୍ଧାକୋବି ତୋଳିବା ଅବସ୍ଥାରେ ଥିଲେ ଅମଳ କରିଦିଅନ୍ତୁ ।
- ବାଇଗଣ ରେ ଫଳ ଓ କାଣ୍ଡବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ୬୦ ଏମ.ଏଲ କୋରଜେନ ୨୦ ଏସ.ସି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ଏବଂ ମୂଳଶଢା ରୋଗ ଦେଖାଦେଲେ ୨୦ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ୨୦୦ ଲିଟର ପାଣିରେ ମିଶାଇ ମୂଳରେ ପକାନ୍ତୁ ।
- ବର୍ତ୍ତମାନ ଅବସ୍ଥାରେ ପନିପରିବା ଫସଲରେ ଜଉ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଥାଏ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୨୫ ମି.ଲି ଇମିଡାକ୍ଲୋପ୍ରିଡ ୧୭.୮% SL ଅଥବା ୨ ମି.ଲି ଡାଇମେଥୋଏଟ ୩୦% EC ମିଶାଇ ସିଂଚନ କରନ୍ତୁ ।
- ଟମାଟୋ ଫସଲରେ ଝାଉଁଳା ରୋଗ ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରା କପର ଅକ୍ସିକ୍ଲୋରାଇଡ ଏବଂ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।

**ମାଛ ଚାଷ :**
- ମାଛ ପୋଖରୀରେ ୫ ଫୁଟ ପଣି ରଖି ମାଛ ଚାଷ କରନ୍ତୁ।
- ଯେଉଁ ପୋଖରୀରେ ୫ ଫୁଟ ଗଭୀରର ପର୍ଯ୍ୟନ୍ତ ପାଣି ନାହିଁ ସେହି ପୋଖରୀରୁ ମାଛ ଧରି ନିଅନ୍ତୁ ।

**ପଶୁ ପାଳନ**
- ଗାଈ ଓ ଗୁହାଳକୁ ସଫା ରଖନ୍ତୁ । ଗୁହାଳରୁ ନିର୍ଗତ ହେଉଥିବା ଗାଈର ମଇଳା କୁ ଗୁହାଳ ପାଖରେ ଜମିବାକୁ ଦିଅନ୍ତୁ ନାହିଁ ଗୁହାଳ ଚାରିପାଖରେ ମଇଳା ପାଣି ଜମି ରହିଲେ କ୍ଷତିକାରକ ମଶା ଓ ଡ଼ାଉନ୍ସ ବଂଶ ବୃଦ୍ଧିର ସମ୍ଭାବନା ରହିଥାଏ ।
- ନିୟମିତ ବ୍ୟବଧାନରେ ଟିକା କରଣ କରାନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ**

କୃଷି ଭିତ୍ତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ ।